ସକାଳ
THE SAKALA



## ଶ୍ରମିକଙ୍କ ମୃତଦେହ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

**ଫୁଲନଖରା, ୨୩।୨(ସମିସ):** କଟକ ସଦର ଥାନା ଆମଣ ସବ୍‌ମାଇନର କେନାଲ ନିକଟରୁ ସୋମବାର ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଗୋବିନ୍ଦପୁର ଥାନା ଧାନମଣ୍ଡଳ ଗ୍ରାମର ପ୍ରଦୀପ କୁମାର ନାୟକ (୫୪)। ପ୍ରଦୀପ ସାଶୋଳ ଗ୍ରାମରେ ନିଜ ଶଶୁର ଘର ନିକଟରେ ଏକ ଭଡ଼ାଘରେ ରହି ଦିନମଜୁରିଆ ଥିଲେ। କିଛି ଦିନ ହେବ ଆର୍ଥିକ ଅନଟନ ଯୋଗୁଁ ସେ ମାନସିକ ଦୁଶ୍ଚିନ୍ତାରେ ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରିବା ସହ ତାଙ୍କ ନିକଟରୁ ଏକ ବିଷାକ୍ତ ଦାନାଦାର ପୁଡ଼ିଆ ଜବତ କରିଛି। ପ୍ରଦୀପ ବିଷପାନ କରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ହିତାଧିକାରୀଙ୍କ ପାଇଁ ସାତସପନ ପାଲଟିଛି ଯୋଜନା

# ଭଙ୍ଗା କୁଡ଼ିଆରେ ଦିବ୍ୟାଙ୍ଗ ପ୍ରମୋଦଙ୍କ ଦୁର୍ଦ୍ଦଶା

**ନିଶ୍ଚିନ୍ତକୋଇଲି, ୨୩।୨(ସମିସ)**

ରାଜ୍ୟରେ 'କେହି କଚ୍ଚା ଘରେ ରହିବେ ନାହିଁ' ବୋଲି ଡବଲ ଇଞ୍ଜିନ ସରକାର ଡିଣ୍ଡିମ ପିଟୁଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତର ହଳଧରପୁର ଗ୍ରାମରେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରଶାସନିକ ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ତଦନ୍ତ ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ପକ୍କାଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ଦଳିତ ପରିବାରର ଦିବ୍ୟାଙ୍ଗ ବ୍ୟକ୍ତି ପ୍ରମୋଦ କୁମାର ମଲିକ। ଦୀର୍ଘ ବର୍ଷର ଆଶା ପରେ ମଧ ତାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଯାହାଫଳରେ ସେ ଏବେ ବି ଏକ ଜରାଜୀର୍ଣ୍ଣ ଚାଳଛପର କୁଡ଼ିଆରେ ଅତ୍ୟନ୍ତ ବିପଜ୍ଜନକ ଭାବେ ଜୀବନ ବିତାଉଛନ୍ତି। ପ୍ରମୋଦ ଦିବ୍ୟାଙ୍ଗ ହୋଇଥିବାରୁ ସେ କୌଣସି କାର୍ଯ୍ୟ



କରିବାକୁ ଅକ୍ଷମ। ପୂର୍ବରୁ ମୂଲ ମଜୁରୀ ଲାଗି ତାଙ୍କର ପୁଅ ପରିବାର ପ୍ରତିପୋଷଣ କରୁଥିଲେ, ମାତ୍ର ଚାରି ମାସ ତଳେ ପୁଅର ଅକାଳ ମୃତ୍ୟୁ ଘଟିବା ପରେ ପରିବାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛି। ବର୍ତ୍ତମାନ ଏକମାତ୍ର ଝିଅ ଏକ ଦୋକାନରେ କାମ କରି ଯାହା ରୋଜଗାର କରୁଛନ୍ତି, ସେଥିରେ ଚାରି ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ବର୍ଷା ଦିନେ ଛାତରୁ ପାଣି ଗଳିବା ସହ ବାଉଁଶ ଖୁଣ୍ଟ ଓ କାଠଗୁଡ଼ିକ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଅର୍ଥାଭାବରୁ ଘର ଛାଉଣୀ କରିବା ମଧ ତାଙ୍କ ପାଇଁ କାଠିକର ପାଠ ହୋଇପଡ଼ିଛି। ନୂତନ ସରକାରଙ୍କ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ ହେବା ପାଇଁ ପ୍ରମୋଦ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ

> ▶▶ ପୁଅର ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ଼
> ▶▶ ପ୍ରଶାସନିକ ଅବହେଳା ଯୋଗୁଁ ଆବାସ ତାଲିକାରୁ ବାଦ୍

ବହୁବାର ଦୌଡ଼ି ଗୁହାରି କରିଛନ୍ତି। କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ତାଙ୍କର ଏହି ଦୟନୀୟ ସ୍ଥିତିକୁ ଅନୁଭବ କରିପାରି ନାହାନ୍ତି। ପ୍ରମୋଦଙ୍କୁ ତୁରନ୍ତ ସରକାରୀ ଗୃହ ଯୋଜନାରେ ସାମିଲ କରି ଏକ ନିରାପଦ ଆଶ୍ରୟ ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ସାଧାରଣରେ ଦୃଢ଼ ଦାବି ହୋଇଛି।

## ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ; ଶ୍ରୀକ୍ଷେତ୍ରରୁ ପହଞ୍ଚିଲା ଆଜ୍ଞାମାଳ



**ସାଲେପୁର, ୨୩।୨(ସମିସ):** ସାଲେପୁର ବ୍ଲକ ପାଟପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତଜୀଉଙ୍କ ମନ୍ଦିର ପରିସରରେ ଆୟୋଜିତ ହେବାକୁ ଥିବା ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ନିମନ୍ତେ ରବିବାର ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ପହଞ୍ଚିଛି। ଏହି ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆସି ଶିଗମାପୁର ବିପ୍ରେଶ୍ୱର ମହାଦେବଙ୍କ ପୀଠରେ ପହଞ୍ଚିବା ପରେ ସେଠାରୁ ଖୋଳ, କୀର୍ତ୍ତନ, ଘଣ୍ଟ ଓ ମୃଦଙ୍ଗ ନାଦରେ ଏକ ବିଶାଳ ପଟୁଆରରେ ଏହାକୁ ଗ୍ରାମ ପରିକ୍ରମା କରାଯାଇଥିଲା। ସୁସଜ୍ଜିତ ବିମାନରେ ମହାପ୍ରଭୁଙ୍କ ଆଜ୍ଞାମାଳକୁ ଶିଗମାପୁର, ଜମାଲପୁର ଓ ପାଟପୁର ଗ୍ରାମ ପରିକ୍ରମା କରାଯାଇ ରାଧାକାନ୍ତଜୀଉ ମନ୍ଦିରକୁ ଅଣାଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ବିଭିନ୍ନ ଛକମାନଙ୍କରେ ମହିଳାମାନେ ଏକତ୍ରିତ ହୋଇ ଆଜ୍ଞାମାଳକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ପୁରୀରୁ ଆସିଥିବା ଖଜା ଭୋଗ ଶ୍ରଦ୍ଧାଳୁଙ୍କ ମଧରେ ବଣ୍ଟନ କରାଯାଇଥିବା ବେଳେ ପାଟପୁର ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରରୁ ବିଗ୍ରହଙ୍କୁ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ଉଦ୍‌ଯାପନୀ ଦିନ ୨୫ ତାରିଖ ଅପରାହ୍ନରେ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ରଖାଯାଇଛି। ସମାଜସେବୀ ଦିଲୀପ ଦାସ, ମଦନମୋହନ ଦାସ, ହିମାଂଶୁ ଭୂଷଣ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବାଲୁଙ୍କେଶ୍ୱର ପୀଠରେ ବିଶ୍ୱଶାନ୍ତି ଯଜ୍ଞ



**ନିଶ୍ଚିନ୍ତକୋଇଲି, ୨୩।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତ ବରପଡ଼ାଠାରେ ଅଧିଷ୍ଠିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ରଙ୍କ ପୀଠସ୍ଥଳରେ ପରମପିତା ବିଶ୍ୱଗୁରୁ ବ୍ରହ୍ମକଲ୍‌କୀ ବ୍ରହ୍ମ ବିରାଟପୁରୁଷଙ୍କ ଆବାହନ ଓ ସତ୍ୟସନାତନ ଧର୍ମ ପ୍ରତିଷ୍ଠା ନିମିତ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞରେ ସ୍କନ୍ଦପୁରାଣ ଶୈବଗ୍ରନ୍ଥ ଆଧାରରେ ପଞ୍ଚବିଂଶମୁଖ ପଞ୍ଚାଶତ ହସ୍ତ ଓ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ମୃତ୍ୟୁଞ୍ଜୟ ପରମ ସଦାଶିବଙ୍କ ବିରାଟ ସ୍ୱରୂପ ପ୍ରଥମଥର ପାଇଁ ନିର୍ମାଣ କରାଯାଇଛି। ଏହି ସ୍ୱରୂପକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଦର୍ଶନ କରି ବିମୁଗ୍ଧ ହେବା ସହିତ ଶିବଙ୍କର କୃପା ଲାଭ କରୁଛନ୍ତି। ଏହାଛଡା ଯଜ୍ଞର ପ୍ରତ୍ୟେକ ଦିନରେ ବିଶିଷ୍ଟ ପଣ୍ଡିତ ଓଳାଶୁଣୀ ପୀଠର ମହନ୍ତ ନାମାନନ୍ଦ ଦାସ ମହାରାଜ ଧାନକୁଦ ପୀଠର ପୀଠାଧିଶ ପ୍ରେମସାଗର ଅରକ୍ଷିତ ଦାସ ମହାରାଜ, ଉଦଳା ରାମକୃଷ୍ଣ ମଠରମଠାଧୀଶ ଅଶିତ୍ ବାବା, କରମଳା ଶାନ୍ତିଧାମ ପୀଠର ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାସ, ଚହଟା କଟକର ବାବା ବ୍ରଜବନ୍ଧୁ ମହାରାଜ, ଅନାଦି ମହାରାଜ ଅଭୟ ମହାରାଜ, ବାବାଜୀ ଚରଣ ପତ୍ରୀ, ସୋମନାଥ ପତ୍ରୀ ପ୍ରମୁଖ ଧର୍ମୀୟ ଆଲୋଚନା କରିଛନ୍ତି। ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଇନଫର୍ମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷ ସନ୍ଥ ଅରକ୍ଷିତ ଓଝାଙ୍କ ସଂଯୋଜନାରେ ପଣ୍ଡିତ ଗୁରୁପ୍ରସାଦ ଦାସ, ପଣ୍ଡିତ ରଘୁନାଥ ଶତପଥି, ପଣ୍ଡିତ ପବିତ୍ର ମହାପାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବିଭିନ୍ନ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଥିବା ବେଳେ ପ୍ରତ୍ୟେହ ଯଜ୍ଞ କାର୍ଯ୍ୟ କରାଯାଉଛି। ବାବା ତପନ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ପ୍ରବଚକ ନାରାୟଣ ଓଝା, ସଞ୍ଜୟ ଓଝାଙ୍କ ପରିଚାଳନାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୃପାଲାଭ କରୁଛନ୍ତି।

## ଲଣ୍ଡନରେ ଡ. ସ୍ମୃତିରଞ୍ଜନଙ୍କୁ 'ରତ୍ନଶ୍ରୀ' ସମ୍ମାନ



**ନିଶ୍ଚିନ୍ତକୋଇଲି, ୨୩।୨(ସମିସ):** ଓଡ଼ିଶାର ସଂସ୍କାର ଓ ବୌଦ୍ଧିକ ପ୍ରତିଭାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଛନ୍ତି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଫତେପୁର ଗ୍ରାମର ଡ. ସ୍ମୃତିରଞ୍ଜନ ନାୟକ। ଭଗବତ ଗୀତାର ଶାଶ୍ୱତ ଜୀବନ ଦର୍ଶନକୁ ଆଧୁନିକ ବ୍ୟବସାୟିକ ପରିଚାଳନା ସହ ସଫଳତାର ସହ ସମନ୍ୱିତ କରିଥିବାରୁ ତାଙ୍କୁ ଲଣ୍ଡନଠାରେ ପ୍ରତିଷ୍ଠିତ 'ରତ୍ନଶ୍ରୀ' ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ବୀରବର ନାୟକ ଓ ଶାନ୍ତିଲତା ନାୟକଙ୍କ ପୁତ୍ର ସ୍ମୃତିରଞ୍ଜନ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟରୁ ପ୍ରାରମ୍ଭିକ ଶିକ୍ଷା ପରେ ଅକ୍ସଫୋର୍ଡ, ହାର୍ବାର୍ଡ ଏବଂ ଏମ୍‌ଆଇଟି ଭଳି ବିଶ୍ୱ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରୁ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି। ଡ. ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବ୍ୟାଟେଲ ଫିଲ୍ଡ ଟୁ ବୋର୍ଡ ରୁମ୍' ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି, ଯେଉଁଥିରେ ସେ ଗୀତାର ଜ୍ଞାନକୁ ବ୍ୟବସାୟର ମହାମନ୍ତ୍ର ଭାବେ ଉପସ୍ଥାପନ କରିଛନ୍ତି। ବିଗତ ୧୫ ବର୍ଷ ଧରି ଡିଜିଟାଲ ଟ୍ରାନ୍ସଫରମେସନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡ. ନାୟକ ନିଜର ଏହି ସଫଳତାର ଶ୍ରେୟ ଗ୍ରାମର ପାରମ୍ପରିକ ସଂସ୍କାର ଓ ପୂଜ୍ୟ ପୂଜାକୁ ପ୍ରଦାନ କରିଛନ୍ତି। ତାଙ୍କର ଏହି ବିଶ୍ୱସ୍ତରୀୟ ଉପଲବ୍ଧି ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କନିଷ୍ଠ ଭ୍ରାତ ସୁଧୀର ରଞ୍ଜନ ନାୟକ, ସ୍ତମ୍ଭକାର ପ୍ରମୋଦ ନାୟକ, ଯୁଗ୍ମସଚିବ ଉମାକାନ୍ତ ବିଶ୍ୱାଳ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଭୌତିକ ଚିକିତ୍ସା କେନ୍ଦ୍ରର ଶିଳାନ୍ୟାସ



**ମାହାଙ୍ଗା, ୨୩।୨(ସମିସ):** ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତ ଅନ୍ତର୍ଗତ ରାମକପୁର ଗ୍ରାମରେ 'ମା ରାଧାଦେବୀ ଦତ୍ତ ନ୍ୟାସ' ପକ୍ଷରୁ ଏକ ଦାତବ୍ୟ ଭୌତିକ ଓ ହୋମିଓ ଚିକିତ୍ସା ସେବା କେନ୍ଦ୍ର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର ଅଧ୍ୟକ୍ଷ ପ୍ରଫେସର ଦେବୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ ଗୋ-ସେବକ ତଥା ସମାଜସେବୀ କିଶନ ଲାଲ ଭରତୀୟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାନବାଧିକାର ଆଇନଜୀବୀ ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠଇତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ମହେନ୍ଦ୍ର ମହାନ୍ତି, ସାମ୍ବାଦିକ ଉମାକାନ୍ତ ଜେନା, ଫିଜିଓଥେରାପିଷ୍ଟ ଡ. ରବୀନ୍ଦ୍ର କରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏହି ନ୍ୟାସ ବିଗତ ୫ ବର୍ଷ ଧରି ଗରିବ ରୋଗୀଙ୍କ ପାଇଁ ନିଶୁଳ୍କ ଭୌତିକ ଚିକିତ୍ସା ଓ ହୋମିଓ ସେବା ଯୋଗାଇଆସୁଛି। ସୁଶାନ୍ତ ମହାନ୍ତି, ପ୍ରତାପ ରାଉତ, ଅଜୟ ପଣ୍ଡା ଓ ରଞ୍ଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ବିବାଦ

# ସହକାରୀ ଯନ୍ତ୍ରୀଙ୍କୁ ଅଟକ ନେଇ ଥାନାରେ ମାମଲା

**ନିଶ୍ଚିନ୍ତକୋଇଲି, ୨୩।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ମହମ୍ମଦପୁର ଗ୍ରାମର ଏକ ସ୍କୁଲ ଓ ଅଙ୍ଗନବାଡ଼ି ନିକଟରେ ବିପଦସଂକୁଳ ବିଦ୍ୟୁତ ଟ୍ରାନସଫର୍ମରକୁ ଉଠାଇବାକୁ ନେଇ ଦୀର୍ଘ ବର୍ଷ ହେବ ବାଦ ବିବାଦ ଲାଗିରହିଛି। ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ମଧ କରାଯାଇଥିଲା। ଗତ ଶନିବାର ଏକ ଗୋଷ୍ଠୀ ନିଶ୍ଚିନ୍ତକୋଇଲି ବିଦ୍ୟୁତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଉଠାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଏହାକୁ ତୁରନ୍ତ ଉଠାଇବାକୁ ଦାବି କରିଥିଲେ। ହେଲେ ସହକାରୀ ଯନ୍ତ୍ରୀ ଜଣକ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦେଶ ପାଇ ନ ଥିବାରୁ ବୁଝିବା ପରେ କାର୍ଯ୍ୟ ହେବ ବୋଲି କହିବାରୁ ସମ୍ପୃକ୍ତ ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୋର ଜବରଦସ୍ତ ଯନ୍ତ୍ରୀଙ୍କୁ ଅଟକ



ରଖିଥିଲେ। ପରେ ନିଶ୍ଚିନ୍ତକୋଇଲି ଓ ନେମାଳ ଥାନା ସହଯୋଗରେ ସହକାରୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିଲା। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ଅଭିଯୋଗ ପରେ ଥାନା ଆଇଆଇସି ଅନୀତା ସାହୁ ୬୮/୨୦୨୬ ନମ୍ବରରେ ତିନି ଜଣଙ୍କ ନାମରେ ଏକ ମାମଲା ରୁଜୁ କରିଛନ୍ତି। ୨୦୧୮ ମସିହାରୁ ଏହାର ସ୍ଥାନାନ୍ତରଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ଏହାକୁ ନ ଉଠାଇବା ପାଇଁ ଉଚ୍ଚ ନ୍ୟାୟାଳୟରେ ଷ୍ଟେ କରିଦେଇଥିଲେ। ଅନ୍ୟ ଗୋଷ୍ଠୀ ଏହାର ଜବାବ ଦେବା ପରେ ଗତ ଗୁରୁବାର ସ୍ଥାନାନ୍ତରଣ ପାଇଁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଏହି ଟ୍ରାନ୍ସଫରମର ସ୍ଥାନାନ୍ତରଣ ନେଇ ଏକ ଗୋଷ୍ଠୀ ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇବା, ଏପରିକି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିଲା ଭଳି ଘଟଣା ଘଟିଥିବା ଯନ୍ତ୍ରୀ ଅନୀଲ କୁମାର ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ଭୋଇପଡ଼ା ଗ୍ରାମର ଜଣେ ଦଳିତ ମହିଳା ୱାର୍ଡ ସଭ୍ୟାଙ୍କୁ ଗାଳିଗୁଲଜ କରିବା ନେଇ ନେମାଳ ଥାନାରେ ଏକ ପାଲଟା ଅଭିଯୋଗ କରାଯାଇଛି।

## ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି



**ସାଲେପୁର, ୨୩।୨(ସମିସ):** ସମସ୍ତ ଭିତ୍ତିଭୂମି ଥାଇ ଅଦ୍ୟାବଧି ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇନାହିଁ। ଆଜି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଅକ୍ଷୟ ଦାଶ, ସମ୍ପାଦକ ହୃଷୀକେଶ ମଲ୍ଲିକ, ଉପସଭାପତି ଦୀପକ ଦାସ, ମହାସଚିବ ମନୋଜ ଆଚାର୍ଯ୍ୟ, ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ରଞ୍ଜନ ନାୟକ, ମହେଶ୍ୱର ବେହେରା, ସୁଜିତ୍ ଭୂୟାଁ, ତାରାକାନ୍ତ ନାୟକ, ଅକ୍ଷୟ ଦାଶ, ଅଭୟ ନାୟକ, କେଦାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଦାବିପତ୍ରକୁ ଗ୍ରହଣ କରି ଏ ଦିଗରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆସନ୍ତା ମାସରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ହେବାକୁ ଥିବା ଉତ୍କଳ ଦିବସ ସମାରୋହ ଓ ସଂଘର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମଧ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ।

## ସାଲେପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ




**ସାଲେପୁର, ୨୩।୨(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଇନ୍, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ମୁଖ୍ୟବକ୍ତା ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ ଯୋଗ ଦେଇଥିଲେ। ସାଲେପୁର କଲେଜ ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦବୋଧନ ଓ ସମ୍ବର୍ଦ୍ଧନା ପର୍ବ ପରେ କଲେଜ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ବସନ୍ତ ଲେଙ୍କା, ସତ୍ୟନାରାୟଣ ପଟ୍ଟନାୟକ, ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଜୟବର୍ଦ୍ଧନ ଜେନା, ସଞ୍ଜୟ ନାୟକ, ରଞ୍ଜନ ସାମଲ, ସୁଜିତ ଶତପଥୀ, ସୌମ୍ୟରଞ୍ଜନ ଭୂୟାଁ, ପ୍ରଦୋଷ ମହାନ୍ତିଙ୍କ ସମେତ କଲେଜର ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ଥିଲେ।

## ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ

**ମାହାଙ୍ଗା, ୨୩।୨(ସମିସ):** ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ବଡଗୋଠସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ଏହି କାର୍ଯ୍ୟକ୍ରମର ଶନିବାର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ସଞ୍ଜୟ ଷଡ଼ଙ୍ଗୀ ମୁଖ୍ୟ ପୂଜକ ଥିବା ବେଳେ ସୁବୋଧ ଷଡ଼ଙ୍ଗୀ, ଭବାନୀ ଶଙ୍କର ଦାଶ, ଧର୍ମ ନାରାୟଣ ଶତପଥୀ ପ୍ରମୁଖ ସହଯୋଗୀ ଥିଲେ। ଦେବେନ୍ଦ୍ର ନାୟକ ଓ ମଧୁସ୍ମିତା ନାୟକଙ୍କ ସମେତ ଶରତ ବାରିକ, ରଶ୍ମିରେଖା ବାରିକ, ସୁରେନ୍ଦ୍ର ମହାପାତ୍ର ଓ ଲିଜାରାଣୀ ମହାପାତ୍ର କର୍ତ୍ତା ରହିଥିଲେ। ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସନ୍ଥ କୈଳାସ ଜେନା ଏବଂ ସମାଜସେବୀ ଲକ୍ଷ୍ମୀଧର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବଡଗୋଠ, ବଇଁଚୁଆ, କୌଡୁକୋଲା, ଗୋପାଳପୁର ଓ ଶୁକ୍ଳେଶ୍ୱର ଆଦି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୋପୀନାଥଜୀଉଙ୍କ ବଟମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ



**ଫୁଲନଖରା, ୨୩।୨(ସମିସ):** କଟକ ସଦର ଧାରଘରପଡ଼ା ଗ୍ରାମର ଇଷ୍ଟଦେବୀ ମା'ମଙ୍ଗଳାଙ୍କ ପୀଠରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ଦୋଳମେଳଣ ବା ବଟମେଳଣ ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କଟକ ସଦର ଥାନାଧିକାରୀ ତୁଷାରକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୨୨ଗାଦି ସର୍ବାଧିକାରୀ ପର୍ଶୁରାମ ସେନାପତି, ସର୍ବମହନ୍ତ ବାସୁଦେବ ପରିଡ଼ା ଓ ୨୨ଗାଦି ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମର ଅଧିକାରୀ ଓ ଗ୍ରାମର ମହନ୍ତମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ଜେନା, ଯୁବକ ସଂଘର ସଭାପତି ତାପସ ମହାନ୍ତି, ଗ୍ରାମ ମହନ୍ତ କୃପାସିନ୍ଧୁ ଜେନା, କାର୍ଯ୍ୟକାରୀ ଅଧିକାରୀ ବ୍ରଜକିଶୋର ଜେନା, ଗ୍ରାମ୍ୟ ମୁରବୀ ଯୁଧିଷ୍ଠିର ସାହୁ, ରାଜେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରଧାନ, କାହ୍ନୁଚରଣ ମହାନ୍ତି, ଭାଗୀରଥି ସାହୁ, ବିପିନ ପ୍ରଧାନ, କାକ ମହାନ୍ତି, ବୁଢ଼ା ସେନାପତି, ଗଜେନ୍ଦ୍ର ଜେନା, ପ୍ରଦୀପ୍ତ ପ୍ରଧାନ, କାଶୀନାଥ ସାହୁ, ବିଗନ ନନ୍ଦ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମ୍ୟ ଯୁବ କମିଟିର ବିପିନ ମହାନ୍ତି, ମାନସ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ତପନ ଜେନା, ତ୍ରିଲୋଚନ ମହାନ୍ତି, ବୁଲା ବେହେରା, ହେମନ୍ତ ବାରିକ, ପ୍ରଶାନ୍ତ ଦାସ, ସନ୍ତୋଷ ଦାସ ସହଯୋଗ କରିଥିଲେ।

# ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟିତ

**ସାଲେପୁର, ୨୩।୨(ସମିସ)**

ସାଲେପୁର ବ୍ଲକ ତେନ୍ତୋଳ ପଞ୍ଚାୟତର ପାଟପୁରଠାରେ ପ୍ରତିଷ୍ଠିତ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ମହାଯଜ୍ଞ, ପୂଜାର୍ଚ୍ଚନା ଓ ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସହିତ ଦେବାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପ୍ରାତଃ ସମୟରେ କଳସ ଶୋଭାଯାତ୍ରାରେ ଶତାଧିକ ମହିଳାମାନେ ସାମିଲ ହୋଇ ଗୁପ୍ତଗଙ୍ଗା ଚିତ୍ରୋତ୍ପଳା ନଦୀର ତେନ୍ତୋଳ ଗ୍ରାମ ନିକଟରୁ କଳସରେ ପାଣି ଆଣି ଯଜ୍ଞମଣ୍ଡପ ନିକଟରେ ପହଞ୍ଚାଇଥିଲେ।




ସେଠାରେ ପ୍ରଥମେ ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯିବା ପରେ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟନ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଦ୍ଧାର୍ଥ ଟିଭିରେ ପ୍ରସାରିତ ଓଡ଼ିଆ ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିବାବେଳେ ପଟାମୁଣ୍ଡାଇ ଅଞ୍ଚଳର ଫିଟ୍ ଆଣ୍ଡ ଫାୟାର ଡ୍ୟାନ୍ସ ଗ୍ରୁପ୍‌ର କଳାକାର ଓ ମଧୁସୂଦନ କଳା ନିକେତନ ଗୋପୀନାଥପୁରର କଳାକାରମାନେ ଏବଂ ହାସ୍ୟ ଅଭିନେତା ଗୁଡୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ମୁଖ୍ୟ ଆକର୍ଷଣ ଯାତ୍ରା ଅଭିନେତ୍ରୀ ରାନୀ ପଣ୍ଡାଙ୍କ ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସମାଜସେବୀ ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ପାଟପୁର ଗ୍ରାମର ଗ୍ରାମବାସୀ ସହଯୋଗ କରୁଛନ୍ତି। ଏହି

### ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମସଗୁଲ ଦର୍ଶକ

ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷ ଓ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୁବାସଚନ୍ଦ୍ର ଦାଶ, ଜୟନ୍ତ ଦାଶ, ହିମାଂଶୁ ଦାଶ, ଜଗମୋହନ ଦାଶ, ଶରତ ପ୍ରଧାନ, ମଦନମୋହନ ଦାଶ, ହେମନ୍ତ ନନ୍ଦ, ବିଶ୍ୱରଞ୍ଜନ ସାହୁ, ବବ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ସଞ୍ଜିତ ଦାଶ, ଚଗଲା ଭୋଇ, ଅଲେଖ ସାମଲଙ୍କ ସମେତ ପରିଚାଳନା ସମିତିର କର୍ମକର୍ତ୍ତା ଓ ପାଟପୁର ଗ୍ରାମବାସୀ ସହଯୋଗ କରିଥିଲେ।

# କଟକ ସିଟି





## କଟକ ଆକାଶରେ ପ୍ରଦୂଷଣର କଳା ବାଦଲ୍

# ଏକ୍ୟୁଆଇ ୩୦୦ ଛୁଇଁଲା, ଅଣନିଶ୍ୱାସୀ ସହରବାସୀ

କଟକ,୨୩।୨(ସମିସ):

କଟକ ସହରରେ ବାୟୁ ପ୍ରଦୂଷଣର ସ୍ଥିତି ଏବେ ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ବିଗତ ମାସରେ ପ୍ରଶାସନିକ କଟକଣା ଯୋଗୁଁ ବାୟୁର ଗୁଣାବତ୍ତା ମାନ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ

**ରାସ୍ତା ନିର୍ମାଣ ବେଳେ ପାଳନ ହେଉନି ନିୟମ**

**ଧୂଳି-ଧୂଆଁରେ ଶ୍ୱାସରୁଦ୍ଧ ହେଉଛି ଜୀବନ**

(ଏକ୍ୟୁଆଇ) ୨୦୦ ମଧ୍ୟରେ ସୀମିତ ରହିଥିବା ବେଳେ, ଏବେ ଏହା ପୁଣି ଉପରମୁହାଁ ହୋଇଛି। ସୋମବାର ଅପରାହ୍ନ ସୁଦ୍ଧା ସହରର ଏକ୍ୟୁଆଇ ୨୮୪ ରେକର୍ଡ କରାଯାଇଛି, ଯାହାକୁ ପରିବେଶ ବିଜ୍ଞାନୀମାନେ 'ଖରାପ' ବର୍ଗଭୁକ୍ତ କରିଛନ୍ତି। ବିଶେଷ କରି ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପଛରେ ଶିଳ୍ପାଞ୍ଚଳ ଅପେକ୍ଷା ଅତ୍ୟଧିକ ଟ୍ରାଫିକ ଏବଂ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ହିଁ ପ୍ରମୁଖ କାରଣ ସାଜିଛି। ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ରାସ୍ତା ସମ୍ପ୍ରସାରଣ ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ସର୍ବନିମ୍ନ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଖାନନଗର ମଲାଚଣ୍ଡିଆ ଛକରୁ ଲିଙ୍କରୋଡ ଏବଂ ଚହଟାରୁ ମଧୁ ସେତୁ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟ ଯୋଗୁଁ ପୂରା ପରିବେଶ ଧୂଳିମୟ ହୋଇପଡ଼ିଛି। ନିୟମ ଅନୁଯାୟୀ ନିର୍ମାଣ ସ୍ଥଳରେ ନିୟମିତ ପାଣି ସିଞ୍ଚନ ହେବା କଥା, ମାତ୍ର କାର୍ଯ୍ୟରେ ନିୟୋଜିତ ସଂସ୍ଥାମାନେ ଏହା କରୁନାହାନ୍ତି। ଫଳରେ ବାୟୁରେ ଅତି ସୂକ୍ଷ୍ମ କଣିକା (ପିଏମ ୨.୫) ର ପରିମାଣ ୧୧୦ ଏବଂ ପିଏମ ୧୦ର ପରିମାଣ ୧୪୧ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ମାନବ ଶରୀରର ଶ୍ୱାସତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ। ବାୟୁମଣ୍ଡଳରେ କେବଳ ଧୂଳିକଣା ନୁହେଁ, ବରଂ ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋଅକ୍ସାଇଡ୍ ଏବଂ ଓଜୋନ ସ୍ତରର ଅସମାନତା ମଧ୍ୟ ଚିନ୍ତା ବଢ଼ାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚିହ୍ନଟ ଓଡ଼ିଶାର ୭ଟି ଅତି ପ୍ରଦୂଷିତ ସହର ମଧ୍ୟରେ କଟକର ନାମ ରହିଥିଲେ ହେଁ, ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଫଳପ୍ରଦ ହେଉନାହିଁ। ରାସ୍ତାରେ ଜମି ରହୁଥିବା ଧୂଳିର ଆସ୍ତରଣ ଯାନବାହନ ଚଳାଚଳ ବେଳେ ବାୟୁରେ ମିଶି ପଥଚାରୀ ଓ ସହରବାସୀଙ୍କୁ ଅଣଃନିଶ୍ୱାସୀ କରିପକାଉଛି। ଯଦି ତୁରନ୍ତ ରାସ୍ତା ନିର୍ମାଣ ସମୟରେ ପାଣି ସିଞ୍ଚନ ଏବଂ ଧୂଳି ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ସହରର ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଛି।



## ମହିମା ସ୍ୱାମୀଙ୍କ ୧୫୦ତମ ଶୂନ୍ୟ ଦିବସ

କଟକ,୨୩।୨(ସମିସ): କଟକ ମହାନଗର ନିଗମର ୫୧ ନମ୍ବର ୱାର୍ଡ ତିନିଘରିଆସ୍ଥିତ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ପ୍ରତିଷ୍ଠିତ ଅଲେଖ ମହିମା ଟୁଙ୍ଗୀରେ ବିଶ୍ୱବନ୍ଦ୍ୟ ପ୍ରବୁଦ୍ଧ ଗୁରୁ ଯୋଗେଶ୍ୱର ମହିମା ସ୍ୱାମୀଙ୍କ ୧୫୦ତମ ଶୂନ୍ୟ ଦିବସ ମହୋତ୍ସବ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଆୟୋଜିତ ଏହି ଉତ୍ସବରେ ମହିମା ଧର୍ମର ପରମ୍ପରା ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଜୋରନ୍ଦା ଗାଦୀର ସଭାପତି ବାବା ରଘୁନାଥ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସମାରୋହରେ ବରିଷ୍ଠ କଂଗ୍ରେସ ନେତା ସୁରେଶଚନ୍ଦ୍ର ମହାପାତ୍ର, ସମାଜସେବୀ ସୁକାନ୍ତ ସେଠୀଙ୍କ ସମେତ ଅନେକ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରବୀନ୍ଦ୍ର ବେହେରା ଓ ଆଲୋକ ବସ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତିନିଘରିଆ ଗ୍ରାମର ମୁରବୀ ଓ ଯୁବକ ସହଯୋଗ କରିଥିଲେ।

## ଦେହରେ ନିଆଁ ଲଗାଇ ଛାତରୁ ଡେଇଁଲେ ଯୁବତୀ

କଟକ,୨୩।୨(ସମିସ): ବାଦାମବାଡ଼ି ଥାନା ଦୋଳମୁଣ୍ଡାଇ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବତୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦେହରେ ନିଆଁ ଜଳୁଥିବା ବେଳେ ସେ ପାଞ୍ଚ ମହଲା ଛାତ ଉପରୁ ଡେଇଁ ପଡ଼ିଥିଲେ। ଗୁରୁତର ଆହତ ଯୁବତୀ ଜଣକ ହେଉଛନ୍ତି ଲକ୍ଷ୍ମୀପ୍ରିୟା ଘୋଷ(୨୨)। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଦୋଳମୁଣ୍ଡାଇ ଦାସ ସାହିର ପ୍ରଦୀପ ଘୋଷଙ୍କ ଝିଅ ହେଉଛନ୍ତି ଲକ୍ଷ୍ମୀପ୍ରିୟା। ସେ ଆଜି ଅପରାହ୍ଣ ପ୍ରାୟ ୪ଟା ୪୫ରେ ଘରେ ଏକୁଟିଆ ଥିଲେ। ତାଙ୍କ ବାପା ମା' କୌଣସି ଏକ କାର୍ଯ୍ୟରେ ବିହାର ଯାଉଥିଲେ। ତାଙ୍କ ଭାଇ ବାପା ମା'ଙ୍କୁ ଛାଡ଼ିବାକୁ କଟକ ରେଳ ଷ୍ଟେସନ୍ ଯାଇଥିଲେ। ଏହି ସମୟରେ ଲକ୍ଷ୍ମୀପ୍ରିୟା ଏକୁଟିଆ ଥିବା ବେଳେ ଦେହରରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ଟିମ୍ ଖବର ପାଇ ସେଠାରେ ପହଞ୍ଚିଥିଲା। ତେବେ ଅଗ୍ନିକାଣ୍ଡ ଘଟିଥିବା ଅଞ୍ଚଳରେ କିରାସିନ ଗନ୍ଧ ଆସୁଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିବା ବେଳେ ଏ ସମ୍ପର୍କରେ ତାଙ୍କ ବାପା ମା' ଖବର ପାଇ ଡାକ୍ତରଖାନାରେ ପହଞ୍ଚିଛନ୍ତି। ଆତ୍ମହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇ ନାହିଁ ବୋଲି ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ ସୂଚନା ଦେଇଛନ୍ତି।

## ଅନ୍‌ଲାଇନ ଡେଲିଭରି ସଂସ୍ଥା କର୍ମଚାରୀଙ୍କ ଆନ୍ଦୋଳନ

କଟକ,୨୩।୨(ସମିସ): ଥାନାରେ ମିଥ୍ୟା ମାମଲା ଓ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଅନଲାଇନ ଡେଲିଭରି ସଂସ୍ଥା ବ୍ଲିନକିଟ ରାଇଡରମାନେ ଆନ୍ଦୋଳନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ୩ ମାସରୁ ଉଦ୍ଧ୍ୱର୍ ସମୟ ହେବ ସତୀଚୌରା ନିକଟ ସତୀନଗରସ୍ଥିତ ସଂସ୍ଥାରେ ସେମାନେ କାମ କରୁଛନ୍ତି। ଦିନକୁ ପ୍ରାୟ ୧୮ ଘଣ୍ଟା ଅନଲାଇନ ଡେଲିଭରି ଦେବା ପରେ ପ୍ରାୟ ୧ ହଜାର ଟଙ୍କା ଆୟ ହେଉଛି। ସେହି ଆୟରେ ଦୈନିକ ତେଲ, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ସଂପୃକ୍ତ ରହିଛି। ଏହାପରେ ଦିନକୁ ଅତିବେଶୀରେ ୪ଶହ ଟଙ୍କା ବଳକା ରହୁଛି। ଏତିକି ଟଙ୍କାରେ ଚଳିବା କଷ୍ଟକର ହୋଇପଡୁଛି। ଏଣୁ ଡେଲିଭରି ବାବଦ ପ୍ରାପ୍ୟ/କମିଶନ ବୃଦ୍ଧି, ଜନିଷ ଚୋରି ଅଭିଯୋଗ, ବିଳମ୍ବିତ ଅର୍ଡର ଗ୍ରହଣ ଭଳି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ଗତ ରବିବାର ଷ୍ଟୋର୍ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ। ଏହାପରେ ସଂସ୍ଥା କର୍ତ୍ତୃପକ୍ଷ ଆସି ସେମାନଙ୍କୁ ବିଭିନ୍ନ ଧମକଚମକ ଦେବା ସହ ଆଇଡି ବ୍ଲକ କରିଦେବାର ଚେତାବନୀ ଦେଇଥିଲେ। ଧାରଣାରତ ଡେଲିଭରୀ ବଏଙ୍କ ବିରୋଧରେ ବିଡାନାସୀ ଥାନାରେ ଷ୍ଟୋର୍ କର୍ତ୍ତୃପକ୍ଷ ମିଥ୍ୟା ଏତଲା ଦେଇଥିଲେ। ଏହାର ବିଧିବଦ୍ଧ ତଦନ୍ତ କରି ଉପରୋକ୍ତ ଦାବି ତଥା ସମସ୍ୟାର ସମାଧାନ ଦୃଷ୍ଟି ଦେବାକୁ ୫୦ ଜଣ ଯୁବକ ଲିଖିତ ଆକାରରେ ଆଜି ବିଡାନାସୀ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### କଟକ ଗସ୍ତରେ ଉପମୁଖ୍ୟମନ୍ତ୍ରୀ

## ଜଗତପୁରରେ ନୂତନ କୃଷି ଭବନ ଉଦ୍‌ଘାଟିତ




କଟକ,୨୩।୨(ସମିସ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦିନିକିଆ କଟକ ଗସ୍ତରେ ଆସି ଜଗତପୁରଠାରେ ନୂତନ କୃଷି ଭବନର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଡେପୁଟି ମେୟର ଦମୟନ୍ତୀ ମାଝୀ ଏବଂ କୃଷି ବିଭାଗର ବହୁ ବରିଷ୍ଠ ନିର୍ଦ୍ଦେଶକ ଓ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ନିମନ୍ତ୍ରଣ କାର୍ଡ ପଠାଇ ୭୦ ହଜାର ଠକେଇ

### ହରଡ଼ଘଣାରେ ପକାଉଛି ଏପିକେ ଫାଇଲ୍ ତଥା ଆଣ୍ଡ୍ରଏଡ୍ ପ୍ୟାକେଜ କିଟ୍

କଟକ,୨୩।୨(ସମିସ): ମୋବାଇଲ୍‌ର ହ୍ୱାଟସଆପ୍‌କୁ ଡିଜିଟାଲ୍ ବାହାଘର ନିମନ୍ତ୍ରଣ ପଠାଇ ଜଣେ ଯୁବକଙ୍କଠାରୁ ୭୦ହଜାର ଟଙ୍କା ସାଇବର ଲୁଟେରାମାନେ ଠକି ନେଇଛନ୍ତି। ଏଥିସହ ତାଙ୍କ ମୋବାଇଲ୍‌ରେ ଥିବା ଆଧାର, ପ୍ୟାନ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ୍ ନେଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକଙ୍କ ଘର ମର୍କତନଗର, ସେକ୍ଟର-୬ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାଁ ବିଦ୍ୱାନ୍ ଭରଦ୍ୱାଜ(୩୮)। ସେ ସାଇବର ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଆଜି ବିଦ୍ୱାନ୍‌ଙ୍କ ମୋବାଇଲ୍ ହ୍ୱାଟସଆପ୍‌ରେ ଏକ ଅଜଣା ନମ୍ବରରୁ ଏକ ବାହାଘର ନିମନ୍ତ୍ରଣ ପତ୍ର ଲେଖାଥିବା ଏପିକେ ଫାଇଲ୍‌ଟିଏ ଆସିଥିଲା। ସେ ତାହାକୁ ଖୋଲିଥିଲା ବେଳେ ତାଙ୍କୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଲା। ତାକୁ ମଧ୍ୟ ଖୋଲି ଦେଇଥିଲେ। ନିଜ ମୋବାଇଲ୍‌ରେ ସେ ଏହି କାର୍ଯ୍ୟ କଲାପରେ ବ୍ୟାଙ୍କ୍‌ରୁ ତାଙ୍କ ପାଖକୁ ୭୦ହଜାର ଟଙ୍କା ଉଠାଣ ସମ୍ପର୍କିତ ମେସେଜ୍ ଆସିଥିଲା। ଏହାପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉ କି, ସାଇବର ଲୁଟେରାମାନେ ସମଗ୍ର ରାଜ୍ୟରେ ଆତଙ୍କ ଖେଳାଇଛନ୍ତି। ଅଜଣା ନମ୍ବରରୁ ଲୋକଙ୍କ ପାଖକୁ ପ୍ରତ୍ୟେକ ଦିନ 'ଏପିକେ ଫାଇଲ୍'(ଆଣ୍ଡ୍ରଏଡ୍ ପ୍ୟାକେଜ କିଟ୍) ପଠାଉଛନ୍ତି। ନିମନ୍ତ୍ରଣ କାର୍ଡ, ଟ୍ରାଫିକ ଚାଲାଣ, ଏସ୍‌ବିଆଇ, କେୱାଇସି ଅପଡେଟ୍, ସରକାରୀ ସବସିଡି, ଏସ୍‌ବିଆଇ ୟୋନୋ ଭଳି ଏପିକେ ଫାଇଲ୍ ପଠାଉଥିବାରୁ ଲୋକମାନେ ସହଜରେ ବିଶ୍ୱାସକୁ ନେଇ ଯାଉଛନ୍ତି। ଏହାପରେ ଉକ୍ତ ଫାଇଲ୍ ଖୋଲିବା ମାତ୍ରେ ମୋବାଇଲ୍ ଫୋନ୍ ହ୍ୟାକ୍ କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଅନେକ ସାଧାରଣ ଲୋକ ସାଇବର ଠକଙ୍କ 'ଏପିକେ' ଜାଲରେ ପଡ଼ି ଲକ୍ଷାଧିକ ଟଙ୍କା ହରାଉଛନ୍ତି। କିଏ ପେନ୍‌ସନ ଟଙ୍କା ହରାଉଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ସର୍ବସ୍ୱ ହରାଇ ତଳିତଳାନ୍ତ ହେଉଛି। ଏବେ କଟକ ସାଇବର ଥାନାକୁ ଆସୁଥିବା ୧୦୦ପ୍ରତିଶତ ସାଇବର ମାମଲା ମଧ୍ୟରୁ ୪୦ପ୍ରତିଶତରୁ ଅଧିକ ମାମଲା ଏହି ଏପିକେ ଫାଇଲ୍‌ଜନିତ ବୋଲି ଜଣାପଡ଼ିଛି। ଏଣୁ ନିଜ ମୋବାଇଲ୍ ଫୋନ୍‌ରେ ଅଜଣା ନମ୍ବରରୁ ଆସୁଥିବା ଏପିକେ ଫାଇଲକୁ ନଖୋଲିବାକୁ ସାଇବର ଥାନା ପୁଲିସ ସୂଚନା ଦେଇଛି।

## ସୁନା-ରୁପା ଲୁଟ୍ ଘଟଣା

## ପଶ୍ଚିମବଙ୍ଗରୁ ଫେରାର ଠକ କାରିଗର ଗିରଫ

କଟକ,୨୩।୨(ସମିସ): କଟକ ସହରର ସୁନା ଓ ରୁପା ବ୍ୟବସାୟୀଙ୍କୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଠକେଇ କରିଥିବା ଜଣେ ପେସାଦାର କାରିଗରକୁ ଲାଲବାଗ ଥାନା ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲା ତାମଲୁକ ଥାନା ଅଞ୍ଚଳର ତାପସ ମାଇତି ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ତାପସ କଟକର ଆଲମଚନ୍ଦ ବଜାରରେ ଏକ ଗହଣା ଦୋକାନ କରିଥିଲା। ଗହଣା ଗଢ଼ିବା ବାହାନାରେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧ କିଲୋ ୮୮୭ ଗ୍ରାମ ସୁନା ଏବଂ ୭୮୪ ଗ୍ରାମ ରୁପା ସଂଗ୍ରହ କରିଥିଲେ। ମାତ୍ର ଗତ ଏପ୍ରିଲ ୨୦୨୫ରେ ସେ ସମସ୍ତ ସାମଗ୍ରୀ ଧରି ଚମ୍ପଟ ମାରିଥିଲେ। ବ୍ୟବସାୟୀମାନେ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ସେ ଗୁଣ୍ଡାମାନଙ୍କ ଦ୍ୱାରା ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କାଜିବଜାରର ବ୍ୟବସାୟୀ ରମେଶ କୁମାର ଦେଓଙ୍କ ଅଭିଯୋଗକୁ ଆଧାର କରି ଲାଲବାଗ ପୁଲିସ ଏକ ମାମଲା ରୁଜୁ କରିଥିଲା। ନିର୍ଭରଯୋଗ୍ୟ ସୂଚନା ପାଇ ପୁଲିସ ପଶ୍ଚିମବଙ୍ଗର ତୁଲିଆ ନିକଟରୁ ତାପସକୁ ଗିରଫ କରି ୧୪୭ଟି ରୁପା ବ୍ରେସଲେଟ୍ ଓ କିଛି ରୁପା ବସ୍ତୁ ଜବତ କରିଛି। ସୋମବାର ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

## ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

**୧୫୬ ୟୁନିଟ୍ ରକ୍ତ ସଂଗୃହିତ**

କଟକ,୨୩।୨(ସମିସ): କଟକର ପ୍ରତିଷ୍ଠିତ ତେଲୁଗୁ ସମାଜସେବା ସଂଗଠନ 'ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ରବିବାର ନବମ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟିକା ସୋଫିୟା ଫିର୍ଦୌସ, କଟକ ମେୟର ସୁଭାସ ସିଂ ଏବଂ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ସମାଜସେବୀ ରଞ୍ଜନ ବିଶ୍ୱାଳ, ୧୭ ନମ୍ବର ୱାର୍ଡ କର୍ପୋରେଟର ଏ. ଶ୍ରୀଦେବୀ, ୧୫ ନମ୍ବର ୱାର୍ଡ କର୍ପୋରେଟର ଲିଜାରାଣୀ ରାଉତଙ୍କ ସମେତ କଟକର ବିଭିନ୍ନ ସମାଜସେବା ସଂଘ ଓ ସମିତିର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦିନସାରା ଚାଲିଥିବା ଏହି ଶିବିରରେ ମୋଟ ୧୫୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଟ୍ରଷ୍ଟର ସଭାପତି ବି. କିଶୋର କୁମାର, ସମ୍ପାଦକ କେ. ରାକେଶ କୁମାର, ଉପସଭାପତି ଏ. ହରିଶ କୁମାର, ଯୁଗ୍ମ ସମ୍ପାଦକ ବସନ୍ତ ରାଉତ ଏବଂ ସଂଯୋଜକ କେ. ଭାସ୍କର ରାଓ ଓ ଜି. ପବନ କୁମାରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗର ୬ଟି ନୂତନ କ୍ୟାବିନ୍ ଉଦ୍‌ଘାଟିତ

କଟକ,୨୩।୨(ସମିସ): ରୋଗୀମାନଙ୍କୁ ଅଧିକ ସୁବିଧା ଓ ଉତ୍ତମ ଚିକିତ୍ସା ପରିବେଶ ଯୋଗାଇଦେବା ଲକ୍ଷ୍ୟରେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଅସ୍ଥିଶଲ୍ୟ କୋଠାର ୫ମ ମହଲାରେ ଆଜି ୬ଟି ନୂତନ କ୍ୟାବିନ୍ ଉଦ୍‌ଘାଟିତ ହୋଇଛି। ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ୍ ପ୍ରଫେସର ଡଃ ଲୁସି ଦାସ ଏବଂ ଅଧୀକ୍ଷକ ପ୍ରଫେସର ଡଃ ଗୌତମ ଶତପଥୀ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ରେଜିଷ୍ଟ୍ରାର ସୁବାଷ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡଃ ନିର୍ମଳଚନ୍ଦ୍ର ମହାପାତ୍ର ଏବଂ ଅତିରିକ୍ତ ଅଧୀକ୍ଷକ ଡଃ ଜ୍ୟୋତିର୍ମୟ ନାୟକଙ୍କ ସମେତ ହସ୍ପିଟାଲ ପରିଚାଳକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ନୂତନ କ୍ୟାବିନ୍‌ଗୁଡ଼ିକ ଏସସିବିର ରୋଗୀ ସେବାର ମାନକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ମୁହଁ ମୋଡ଼ିଲା ପ୍ରଶାସନ; ପୁଣି ଧାରଣାରେ ଛାତ୍ରୀ







କଟକ,୨୩।୨(ସମିସ):

କଟକର ସର୍ବପୁରାତନ ତଥା ଗୌରବମୟ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ଏବେ ଗଣଆନ୍ଦୋଳନର ରୂପ ନେଇଛି। ଗତ ଶନିବାର ୧୫ ଘଣ୍ଟାର ଧାରଣା ପରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, କଟକ ସଦର ଉପଜିଲ୍ଲାପାଳ ଏବଂ ଏଡିଏମଙ୍କ ମଧ୍ୟସ୍ଥତାରେ ହୋଇଥିବା ସମାଧାନର ବାଟ ଏବେ ବନ୍ଦ ହେବାକୁ ବସିଛି। ସୋମବାର ସକାଳ ୧୦:୩୦ ମିନିଟ୍‌ରେ କଲେଜ ପରିସରରେ ଜିଲ୍ଲା ପ୍ରଶାସନ, ପୁରାତନ ଛାତ୍ରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ହେବାର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଜିଲ୍ଲାପାଳ ଏହି ବୈଠକ ବାତିଲ କରି ଛାତ୍ରୀମାନଙ୍କୁ ଜିଲ୍ଲାପାଳ ଅଫିସ ଆସିବାକୁ କହିବା ପରେ ସ୍ଥିତି ପୁଣି ବିଗିଡ଼ିଛି। ଖବର ଲେଖାଯିବା ବେଳକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରୀଙ୍କ ଧାରଣା ଜାରି ରହିଥିବା ବେଳେ ଛାତ୍ରୀଙ୍କ ଏହି ଆନ୍ଦୋଳନକୁ ଛାତ୍ର ସଂଗଠନ ଏବିଭିପି ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି।

ଆନ୍ଦୋଳନରତ ଛାତ୍ରୀମାନେ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଆଭିମୁଖ୍ୟ ଉପରେ

**କଟକର 'ଅଖ-ଚକ' ବନ୍ଦ ଚେତାବନୀ**

ପ୍ରଶ୍ନ ଉଠାଇଛନ୍ତି। ସରକାର ନିକଟରେ ଚାରୋଟି ନୂଆ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିବା ବେଳେ ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ କାହିଁକି ଅଣଦେଖା କରାଯାଉଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନବରତ ଧାରଣା ଜାରି ରହିବ ଏବଂ ଆଗାମୀ ଦିନରେ କଟକର 'ଅଖ ଚକ' ବନ୍ଦ କରି ସହରକୁ ସ୍ଥାଣୁ କରିଦିଆଯିବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଜିଲ୍ଲା ପ୍ରଶାସନ ଆନ୍ଦୋଳନକୁ ଦମନ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ କଟକଣା ଜାରି କରିବାକୁ କଲେଜ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କୁ କାର୍ଯ୍ୟାନୁଷ୍ଠାନର ଧମକ ଦିଆଯାଇଛି। କଟକ ମେୟର ସୁବାସ ସିଂ ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସରକାର ଏହି ଆନ୍ଦୋଳନକୁ ହାଲୁକା ଭାବେ ନ ନେଇ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଉଚିତ, ନଚେତ୍ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହେଲେ ସରକାର ଦାୟୀ ରହିବେ ବୋଲି ସେ ଚେତାଇ ଦେଇଛନ୍ତି। ଏଥିସହ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ ବାର ଆସୋସିଏସନର କର୍ମକର୍ତ୍ତା ମଧ୍ୟ ଆନ୍ଦୋଳନସ୍ଥଳରେ ଛାତ୍ରୀଙ୍କ ସହ ଆଲୋଚନା କରି ନୈତିକ ସମର୍ଥନ ଜଣାଇଛନ୍ତି।

# ଅଙ୍ଗନବାଡ଼ିରେ ଜାତିଆଣ ଭେଦଭାବ; ତଦନ୍ତ ଦାବି

ଆଠଗଡ଼,୨୩।୨(ସମିସ)



ଆଠଗଡ଼ ବ୍ଲକ ଅନ୍ତର୍ଗତ ବେଣ୍ଟପଦା ପଞ୍ଚାୟତର ମାନପୁର ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ ସାମ୍ନାକୁ ଆସିଛି । କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀଙ୍କ ଜାତିଆଣ ମନୋଭାବ ଯୋଗୁଁ ସବର ସାହିର ପାଖାପାଖି ୧୫ଟି ପରିବାରର କୌଣସି ଶିଶୁ ଗତ ଦୁଇ ବର୍ଷ ହେବ କେନ୍ଦ୍ରକୁ ଯାଉନାହାନ୍ତି । ସରକାରୀ ଶିଶୁ ବିକାଶ ଯୋଜନାରେ ସମସ୍ତ ବର୍ଗର ଶିଶୁଙ୍କୁ ସମାନ ଅଧିକାର ଦେବାର ବ୍ୟବସ୍ଥା ଥିବା ବେଳେ, ମାନପୁରରେ ଦେଖାଦେଇଥିବା ଏହି ଭେଦଭାବ ଶିଶୁଙ୍କ ଶିକ୍ଷା ଓ ପୁଷ୍ଟି ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ମତରେ, କର୍ମୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଏଭଳି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି । ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ସିଡିପିଓ ନିବେଦିତା ରାୟଙ୍କ ନିକଟରେ ଫେରାଦ ହୋଇଛନ୍ତି । ପ୍ରସୂତି ମା' ଓ କିଶୋରୀ ବାଳିକାମାନଙ୍କୁ ମାସିକ ୧୨ଟି ଅଣ୍ଡା ଦେବାର ନିୟମ ଥିଲେ ହେଁ, କର୍ମୀ ଜଣକ ମାତ୍ର ୮ ରୁ ୯ଟି ଅଣ୍ଡା ଦେଇ ହିତାଧିକାରୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି । ସେହିପରି ତିନି ଜଣ ଗର୍ଭବତୀ ମହିଳାଙ୍କ କାଗଜପତ୍ର କାର୍ଯ୍ୟରେ ଅବହେଳା ଯୋଗୁଁ ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇ ରହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେନ୍ଦ୍ରରେ ମାତୃ କମିଟି ଓ ଯାଞ୍ଚ କମିଟି ରହିଥିଲେ ମଧ୍ୟ ବର୍ଷ ବର୍ଷ ଧରି କୌଣସି ବୈଠକ ଅନୁଷ୍ଠିତ ହେଉନାହିଁ, ଯାହାକି କର୍ମୀଙ୍କ ସ୍ୱେଚ୍ଛାଚାରିତାକୁ ସ୍ପଷ୍ଟ କରୁଛି । କର୍ମୀ ଜଣକ ବିଭିନ୍ନ ସମୟରେ ବ୍ଲକରେ ସରକାରୀ କାମ ଅଛି ବୋଲି କହି କେନ୍ଦ୍ରରେ ଅନୁପସ୍ଥିତ ରହୁଥିବାରୁ ଶିଶୁଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଗ୍ରାମ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଅରୁପ ମହାନ୍ତି, ଶୁକଦେବ ସାମଲ ଓ ଅନ୍ୟ ଗ୍ରାମବାସୀମାନେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଯଦି ତୁରନ୍ତ ଏହି ଭେଦଭାବ ଦୂର କରାଯାଇ କେନ୍ଦ୍ରର ପରିଚାଳନାକୁ ସଜଡ଼ା ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

**କର୍ମୀଙ୍କ ମନମୁଖୀ ଶାସନକୁ ଗ୍ରାମବାସୀଙ୍କ ବିରୋଧ**

## ସ୍ୱପ୍ନେଶ୍ୱର ବଜାର କମିଟିର ବାର୍ଷିକ ଅଧିବେଶନ



ଆଠଗଡ଼,୨୩।୨(ସମିସ): ଆଠଗଡ଼ ସହରର ପ୍ରତିଷ୍ଠିତ ସ୍ୱପ୍ନେଶ୍ୱର ବଜାର କମିଟିର ବାର୍ଷିକ ଅଧିବେଶନ ରବିବାର ଉତ୍ତରାଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସ୍ୱପ୍ନେଶ୍ୱର ଯୁବକ ସଂଘର ପୂର୍ବତନ ସଭାପତି ସୁବାସ ପ୍ରସାଦ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୁରୁଣା ବସଷ୍ଟାଣ୍ଡ ଓ ସ୍ୱପ୍ନେଶ୍ୱର ବଜାରର ସମସ୍ତ ବ୍ୟବସାୟୀ ଏବଂ ସାହିବାସିନ୍ଦା ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ଦିବଙ୍ଗତ ସଭ୍ୟ ନରେନ୍ଦ୍ର ମଲ୍ଲିକଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ନୀଳକଣ୍ଠ ଦୋରା ବାର୍ଷିକ ଆୟ-ବ୍ୟୟର ହିସାବ ଉପସ୍ଥାପନ କରିବା ସହ ବଜାରର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବିଶେଷ କରି ବ୍ୟବସାୟୀଙ୍କ ସୁରକ୍ଷା ଦୃଷ୍ଟିରୁ ବଜାରରେ ତୁରନ୍ତ ସିସିଟିଭି କ୍ୟାମେରା ଲଗାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ୨୦୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଉପେନ୍ଦ୍ର କୁମାର ବାରିକଙ୍କୁ ସଭାପତି, ନୀଳକଣ୍ଠ ଦୋରାଙ୍କୁ ସମ୍ପାଦକ, ଶିବସ୍ଥ ଶତପଥୀଙ୍କୁ ଉପସଭାପତି, ଶକ୍ତିପ୍ରସାଦ ପଣ୍ଡାଙ୍କୁ ସହସମ୍ପାଦକ ଏବଂ ରଞ୍ଜନ କୁମାର ମହାନ୍ତିଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି । କାର୍ଯ୍ୟକର୍ତ୍ତାଙ୍କୁ ସହାୟତା ପାଇଁ ଏକ ୧୫ ଜଣିଆ କୋର କମିଟି ମଧ୍ୟ ଗଠନ କରାଯାଇଛି । ବରିଷ୍ଠ ସଭ୍ୟ ଉପେନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବୋଧପୁର ଚାମ୍ପିଅନ

କନ୍ଦରପୁର,୨୩।୨(ସମିସ): କଟକ ସଦର ଅନ୍ତର୍ଗତ ଆୟତପୁର କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଦିନିକିଆ ଫୁଟବଲ



ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ବାପୁଜୀ କ୍ଲବ୍ ଦିଦିକୁ ୧-୦ ଗୋଲରେ ହରାଇ ସ୍ୱସ୍ତିକ କ୍ଲବ ବୋଧପୁର ଚାମ୍ପିଅନ ହୋଇଛି । ଏହି ଅବସରରେ ଅନୁଷ୍ଠାନର ସଭାପତି ସଞ୍ଜୟ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ସମାଜସେବୀ ପ୍ରଶାନ୍ତ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ନିମାଇଁ ମହାପାତ୍ର, ନିରଞ୍ଜନ ରାଉଳ ଅତିଥିଭାବେ ଯୋଗ ଦେଇଥିଲେ । ପରିଚାଳନାରେ ସଂପାଦକ ସଞ୍ଜୟ ସେଠୀ, ଶ୍ରୀକାନ୍ତ ବେହେରା, ବିଶ୍ୱଜିତ୍ ବେହେରା, ବଳରାମ ନାୟକ, ସଞ୍ଜୟ ନାୟକ, ସତ୍ୟଜିତ ବେହେରା, ଜନ୍ମେଜୟ ନାୟକ ସହାୟତା କରିଥିଲେ ।

## ଜନପ୍ରତିନିଧିଙ୍କ ଧାରଣା ୬ଷ୍ଠ ଦିନରେ

**ଯୋଗଦେଲେ ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ**



କଣ୍ଟାପଡ଼ା,୨୩।୨(ସମିସ): କଣ୍ଟାପଡ଼ା ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟ ଓ ଜନ ପ୍ରତିନିଧିଙ୍କୁ ବ୍ଲକ କାର୍ଯ୍ୟାଳୟରେ ପ୍ରବେଶ କରାଇ ନ ଦେବା ଉଦ୍ଦେଶ୍ୟରେ ମୁଖ୍ୟ ଫାଟକରେ ତାଲା ପକାଇବା ଘଟଣାର ପ୍ରତିବାଦ ଓ ଅହୋରାତ୍ର ଧାରଣା ଆଜି ୬ଷ୍ଠ ଦିନରେ ପହଞ୍ଚିଛି । ବରିଷ୍ଠ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଆଜି ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଜନ ପ୍ରତିନିଧିଙ୍କ ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହିତ ବ୍ଲକ ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ଅନ୍ୟପକ୍ଷରେ ଏହି ଧାରଣାସ୍ଥଳକୁ ଅଦ୍ୟାବଧି କୌଣସି ସରକାରୀ ଅଧିକାରୀ କିମ୍ବା ବିଡ଼ିଓ ଆଲୋଚନା ପାଇଁ ଆସି ନ ଥିଲାବେଳେ ଖୋଦ ଜିଲ୍ଲାପାଳ ମଧ୍ୟ ଏଥି ପ୍ରତି ନକରାତ୍ମକ ମନୋଭାବ ପ୍ରଦର୍ଶନ କରିଛନ୍ତି । ଆଜି ନିଆଳିରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେବାକୁ ଯାଇଥିଲାବେଳେ କଣ୍ଟାପଡ଼ା ବଜାର ରାସ୍ତା ପାଖରେ ଚାଲିଥିବା ଧାରଣାସ୍ଥଳକୁ ଯାଇ ଆନ୍ଦୋଳନରତ ଜନ ପ୍ରତିନିଧିଙ୍କ ସହିତ ଟିକିଏ ଆଲୋଚନା କରିବାକୁ ସୁଦ୍ଧା ଜିଲ୍ଲାପାଳ ଉଚିତ ମଣି ନ ଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ଟାଙ୍ଗୀ,୨୩।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ବନ୍ଦନା କଳା ନିକେତନର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ଏବଂ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ୱତନ୍ତ୍ର ଅତିଥି ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି, ସମ୍ମାନିତ ଅତିଥିଭାବେ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ସୁବୋଧ ସାମଲ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଗରୁଡ଼ଗାଁ ସରପଞ୍ଚ ଦିପ୍ତିମୟୀ ବେହେରା, ଆଡଭୋକେଟ୍ ହେମନ୍ତ ଜେନା, ଦେବୀପ୍ରସାଦ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ବାବାଜୀ ସାମଲ ଓ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସଦସ୍ୟ ସୁବାସଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିବାବେଳେ ପ୍ରମୋଦ ଜଟ, ରକ୍ଷ୍ୟାନନ୍ଦ ସ୍ୱାଇଁ, ମଧୁସୂଦନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ ।

## ଜାମିନରେ ମୁକୁଳିଲେ ବାଲିପୁଟ ସରପଞ୍ଚ



ତିଗିରିଆ,୨୩।୨(ସମିସ): ପୁଲିସ ସହ ଗଣ୍ଡଗୋଳ ଓ ହାଇୱା ଚାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ଗିରଫ ହୋଇଥିବା ତିଗିରିଆ ବ୍ଲକ ବାଲିପୁଟ ସରପଞ୍ଚ ରଞ୍ଜନ କୁମାର ସୁତାର ଓ ତାଙ୍କ ସହଯୋଗୀ ପ୍ରତାପ କୁମାର ବେହେରା ସୋମବାର ଜାମିନରେ ମୁକୁଳିଛନ୍ତି । ଶନିବାର ବିଳମ୍ବିତ ରାତିରେ ପୁଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ସୋମବାର ଖୁଣ୍ଟୁଣୀ ଜେଲରୁ ସେମାନେ ବାହାରକୁ ଆସିଛନ୍ତି । ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ସେମାନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ସହ ଖୁଣ୍ଟୁଣୀରୁ ତିଗିରିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସସ୍ମିତା ରାଉତଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ସରପଞ୍ଚ ଶ୍ରୀ ସୁତାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ଯେ ପୁଲିସ ବାସ୍ତବ ଘଟଣାକୁ ଲୁଚାଇ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ଅନ୍ୟାୟରେ ଗିରଫ କରିଥିଲା ।

## କୁଳୁତା ଚଷା ସମାଜର ବାର୍ଷିକ ସମ୍ମିଳନୀ



ନରସିଂହପୁର,୨୩।୨(ସମିସ): ନରସିଂହପୁର ବ୍ଲକ ପୁରୁଷୋତ୍ତମପୁରରେ ରବିବାର କୁଳୁତା ଚଷା ସମାଜର ୬୬ତମ ବାର୍ଷିକ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ମନୋଜ ପଣ୍ଡା, ମଣ୍ଡଳ ସଭାପତି ବିଶ୍ୱମ୍ଭର ଦଳେଇ ଓ ବୋକୋଡ଼ା ସରପଞ୍ଚ ଗୀତାଞ୍ଜଳି ଖମାରି ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କୋକଳବା ସରପଞ୍ଚ ତୃପ୍ତିମୟୀ ରଥ, ସମିତିସଭ୍ୟା ସଂଯୁକ୍ତା ଶାସନି ଓ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସମ୍ପାଦକ ରାଜକିଶୋର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହସମ୍ପାଦକ ସଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କନ୍ଧମାଳ, ବଲାଙ୍ଗିର, ବୌଦ୍ଧ, ନୟାଗଡ଼ ଓ ଅନୁଗୋଳ ଆଦି ବିଭିନ୍ନ ଜିଲ୍ଲାରୁ ଶତାଧିକ ଜାତିଭାଇ ଯୋଗଦେଇଥିଲେ ।

## ମଦ ଜବତ; ୪ ଗିରଫ

ନରସିଂହପୁର,୨୩।୨(ସମିସ): ନରସିଂହପୁର ବ୍ଲକ ବିଭିନ୍ନ ସ୍ଥାନରେ ସୋମବାର ଅବକାରୀ ବିଭାଗ ଚଢ଼ଉ କରିଛି । ୩୨ଲିଟର ଦେଶୀ ମଦ ଜବତ କରିବା ସହିତ ମଦ ବ୍ୟବସାୟରେ ଲିପ୍ତ ପଞ୍ଚମା ଗ୍ରାମର ଗୋବିନ୍ଦ ନାଏକ, ସୁଶୀଳା ବିଶ୍ୱାଳ, ଟୁକୁନା ସାହୁ, ସୁମତି ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ତିଗିରିଆରେ ନୂତନ ତହସିଲଦାର



ତିଗିରିଆ,୨୩।୨(ସମିସ): ତିଗିରିଆ ତହସିଲ କାର୍ଯ୍ୟାଳୟରେ ସୋମବାର ନୂତନ ତହସିଲଦାର ଭାବେ ଧର୍ମରଞ୍ଜନ ପଣ୍ଡା ଯୋଗଦେଇଛନ୍ତି । ଏଥିପୂର୍ବରୁ ନିଆଳି ବିଡ଼ିଓ ଭାବେ କାର୍ଯ୍ୟରତ ଥିବା ଶ୍ରୀ ପଣ୍ଡା ଆଜି ଯୋଗଦେବା ପରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ତିଗିରିଆରେ ଜମିଜମା ସଂକ୍ରାନ୍ତ ବିଭିନ୍ନ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରିତ ସମାଧାନ ସହିତ ଅଞ୍ଚଳର ଗରିବ ଲୋକଙ୍କୁ କିଭଳି ସହଜରେ ନ୍ୟାୟ ପାଇପାରିବେ ସେ ସମ୍ପର୍କରେ କାର୍ଯ୍ୟ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## 'ନିର୍‌ତାର'ର ବାର୍ଷିକ ଉତ୍ସବ



କଣ୍ଟାପଡ଼ା,୨୩।୨(ସମିସ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରର ୫୧ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ନିରନତର' ଉନ୍ମୋଚନ ହୋଇଥିଲା ଓ କୃତୀ ଦିବ୍ୟାଙ୍ଗମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ଅନ୍ତେବାସୀ ଦିବ୍ୟାଙ୍ଗଜନ ଓ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଡାକ୍ତର ଅନୁରୂପା ସେନାପତି ଧନ୍ୟବାଦ ଦେଇଥିଲେ । ନିରତାର କର୍ମଚାରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ ।

## ସାଲେପୁର କଲେଜରେ ଡାର୍‌ୱିନଙ୍କ ଜନ୍ମଶତବାର୍ଷିକୀ




ସାଲେପୁର,୨୩।୨(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ବିଖ୍ୟାତ ପ୍ରକୃତିବାଦୀ ଏବଂ ଭୂତତ୍ତ୍ୱବିଜ୍ଞାନୀ ତଥା ବିବର୍ତ୍ତନବାଦର ପୁରୋଧା ଚାର୍ଲସ ଡାରଉଇନ୍‌ଙ୍କ ୧୧୭ତମ ଜନ୍ମବାର୍ଷିକ ମହାବିଦ୍ୟାଳୟର ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଂଗୀତା ମିଶ୍ର ମୁଖ୍ୟଅତିଥି, ଅନ୍ୟତମ ଅତିଥିଭାବେ ରାସାୟନିକ ବିଭାଗ ମୁଖ୍ୟ ରୀନା ସ୍ୱାଇଁ, ଗଣିତ ବିଭାଗ ମୁଖ୍ୟ ଆଲୋକଚନ୍ଦ୍ର ମହାନ୍ତି, ଉଦ୍ଭିଦବିଜ୍ଞାନ ମୁଖ୍ୟ ବିରଜା ପ୍ରସନ୍ନ ଷଡ଼ଙ୍ଗୀ ଏବଂ ପ୍ରାଣୀ ବିଜ୍ଞାନର ପଦାରବିନ୍ଦ ବିଶ୍ୱାଳ ଯୋଗ ଦେଇଥିଲେ । ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅଞ୍ଜୁମ ହସନ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ମୋନାଲିସା ନନ୍ଦ ଧନ୍ୟବାଦ ଦେଇଥିଲେ । ଗୌରାଙ୍ଗ ଚରଣ ନାୟକ, ସୁଜାତା ଦାଶଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ରାସ୍ତା କାର୍ଯ୍ୟ ପାଇଁ ୨୦ ପରିବାରଙ୍କୁ ଉଚ୍ଛେଦ



ନରସିଂହପୁର,୨୩।୨(ସମିସ): ନରସିଂହପୁର ଥାନା ଅଲରା ପଞ୍ଚାୟତର ଲେମ୍ବୋ ଓ ଜେନାସାହି ଗ୍ରାମରେ ସୋମବାର ତହସିଲ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ରାସ୍ତାରେ ବାଧା ସୃଷ୍ଟି ହେଉଥିବାରୁ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୂର୍ବରୁ ତହସିଲଦାର ସୁଶ୍ରୀ ଅର୍ପିତା ସାହୁ ଜବରଦଖଲକାରୀ ୨୦ଟି ପରିବାରକୁ ଜାଗା ଖାଲି କରିବା ପାଇଁ ନୋଟିସ ପ୍ରଦାନ କରିବା ସହ ଧାର୍ଯ୍ୟ ସମୟ ଦେଇଥିଲେ । ସୋମବାର ତହସିଲଦାର ସୁଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ସହାୟତାରେ ସମସ୍ତ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯାଇଛି । ନରସିଂହପୁର ଥାନାଧିକାରୀ ତପନ ପତି, ଏଏସଆଇ ଶ୍ରୀକାନ୍ତ ଦାଶ, ରାଜସ୍ୱ ନିରୀକ୍ଷକ ପ୍ରସନ୍ନଜିତ ମହାନ୍ତି ଓ ସନ୍ତୋଷ ସାହୁ ଉପସ୍ଥିତ ଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ଟାଙ୍ଗୀ ଗସ୍ତବେଳେ ହଟ୍ଟଗୋଳ

ଟାଙ୍ଗୀ,୨୩।୨(ସମିସ)

- 'ଜୟ ଜଗନ୍ନାଥ' ଓ 'ଜୟ ଶ୍ରୀରାମ' ନାରା ପାଇଁ ପ୍ରତିଯୋଗିତା
- ପ୍ରମୋଦ ଉଦ୍ୟାନର ପୁନରୁଦ୍ଧାର ସମୀକ୍ଷା ଓ ବିଦ୍ୟୁତ୍ ଗ୍ରିଡ୍ ଉଦ୍‌ଘାଟନ
- ବିଜେପି-ବିଜେଡି କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ଓ ହାତାହାତି




ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଅଞ୍ଚଳ ଗସ୍ତ କରିଥିଲେ । ଏହି ଗସ୍ତ କାଳରେ ସେ କନ୍ହେଇପୁର ଓ ଗରୁଡ଼ଗାଁ ପଞ୍ଚାୟତ ସୀମାରେ ଥିବା ଐତିହାସିକ ପ୍ରମୋଦ ଉଦ୍ୟାନର ପୁନଃରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ସହ ଆଞ୍ଜୁଆଠାରେ ଦୁଇଟି ୩୩/୧୧ କେଭି ବିଦ୍ୟୁତ୍ ଗ୍ରିଡ୍‌ର ଉଦ୍‌ଘାଟନ କରିଥିଲେ । ପ୍ରମୋଦ ଉଦ୍ୟାନକୁ ଏକ ପ୍ରମୁଖ 'ଇକୋ-ଟୁରିଜିମ୍' କେନ୍ଦ୍ରରେ ପରିଣତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଖୁବ୍ ଶୀଘ୍ର ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ବିଜେପି ନେତା ଅରିନ୍ଦମ୍ ରାୟଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ତେବେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା । ବିଦ୍ୟୁତ୍ ଗ୍ରିଡ୍ କାର୍ଯ୍ୟ ପୂର୍ବତନ ନବୀନ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବାରୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମର୍ଥକମାନେ 'ଜୟ ଜଗନ୍ନାଥ' ଧ୍ୱନି ଦେଇଥିବା ବେଳେ ବିଜେପି କର୍ମୀମାନେ ପାଲଟା 'ଜୟ ଶ୍ରୀରାମ' ନାରା ଦେଇଥିଲେ । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏପରିକି ଉପ ମୁଖ୍ୟମନ୍ତ୍ରୀ ହିନ୍ଦୀରେ ଭାଷଣ ଦେବାକୁ ଜଣେ ବିଜେଡି କର୍ମୀ ବିରୋଧ କରିବା ସହ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ପ୍ରସଙ୍ଗ ଉଠାଇ ମନ୍ତ୍ରୀଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କରିଥିଲେ । ଘଟଣା ହାତାହାତି ପର୍ଯ୍ୟନ୍ତ ଯାଇଥିଲେ ହେଁ ପୁଲିସର ହସ୍ତକ୍ଷେପ ଫଳରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା । ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଭୟ ଦଳର ବହୁ ଆଗଧାଡ଼ିର ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ୩୩/୧୧କେଭି ଗ୍ରୀଡ୍‌ଷ୍ଟେସନ ଉଦ୍‌ଘାଟିତ




ଚୌଦ୍ୱାର,୨୩।୨(ସମିସ): ଚୌଦ୍ୱାର ନିକଟ ନୁନଟିକିରୀ ଓ ମଙ୍ଗୁଳି ମଧ୍ୟସ୍ଥଳରେ ଟିପିସିଓଡିଏଲ୍ ଦ୍ୱାରା ପ୍ରତିଷ୍ଠିତ ନୂତନ ୩୩/୧୧ କେଭି ସମ୍ପନ୍ନ ଗ୍ରୀଡ ଷ୍ଟେସନ (ପ୍ରାଇମେରୀ ସବ୍‌ଷ୍ଟେସନ୍)ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ମୁଖ୍ୟଅତିଥି ଭାବେ ଗ୍ରୀଡ଼ ଷ୍ଟେସନକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟାଟା ପାୱାରର ସିଇଓ ଅରବିନ୍ଦ ସିଂହ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱାର୍ଣ୍ଣପ୍ରଭା ସାମଲ, ବିଜେପି ନେତା ଅରିନ୍ଦମ ରାୟ, ଟାଟା ପାୱାରର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ରାଜନେତା ଓ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

